ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

## ଖଦି ପ୍ରତି ଆଦର ହିଁ ଗାନ୍ଧୀଜୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

: ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ର

ଭୁବନେଶ୍ୱର, ତା.୨୮/୦୨/୨୦୨୦

ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ 'ସପ୍ତାହରେ ଦିନଟିଏ ଖଦି' ଶୀର୍ଷକ ରାଜ୍ୟସ୍ତରୀୟ ଖଦି ସଚେତନତା ସମାରୋହ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଖଦି ବୋର୍ଡର ସଭାପତି ଶ୍ରୀ ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସମାରୋହରେ ଖଦିର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋଚନା କରିବା ସହିତ ଖଦିବସ୍ତ୍ର ପରିଧାନର ଉପାଦେୟତା ସଂପର୍କରେ ଅତିଥିମାନେ ଆଲୋକପାତ କରିଥିଲେ ।

କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଶ ପାଇଁ ଗାନ୍ଧୀଜୀଙ୍କ ବଳିଦାନ ଓ ଖଦି ପ୍ରତି ଉତ୍ସର୍ଗୀକୃତ ଅବଦାନ ସଂପର୍କରେ ଉଲ୍ଲେଖ କରି ଖଦିର ବ୍ୟବହାର ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଯୁବବର୍ଗ ଏଥି ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିବା ଉଚିତ ଯାହା ଭବିଷ୍ୟତ ପିଢ଼ିକୁ ଖଦି ପରିଧାନ ପାଇଁ ଉତ୍ସାହିତ କରିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ଖଦି ପରିଧାନ ପାଇଁ ବୋର୍ଡ ପକ୍ଷରୁ କରାଯାଇଥିବା ଅଭିନବ ପ୍ରୟାସର ସେ ଭୂୟସୀ ପ୍ରଶଂସା କରିଥିଲେ ।

ସମାରୋହକୁ ଉଦ୍‌ଘାଟନ କରି ଶକ୍ତି, ଗୃହ, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟ ଶଙ୍କର ମିଶ୍ର ରାଜ୍ୟ ଖଦି ବୋର୍ଡ ତରଫରୁ କରାଯାଇଥିବା ଉଦ୍ୟମ ସମୟୋପଯୋଗୀ ବୋଲି ଉଲ୍ଲେଖ କରିବା ସହିତ ଖଦିର ବହୁଳ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ସମାଜରେ ଖଦିର ଆଦର ହୋଇପାରିଲେ ଏହା ଗାନ୍ଧୀଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ସେ କହିଥିଲେ ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଖଦି ଆନ୍ଦୋଳନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀଚରଣ ପଟ୍ଟନାୟକ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇ ଖଦି ସହିତ ଗାନ୍ଧୀଜୀଙ୍କର ଥିବା ଆତ୍ମିକ ସଂପର୍କରେ ଅବତାରଣା କରିଥିଲେ । ସେ କହିଲେ ଯେ ନିଜେ ଚରଖାରେ ସୂତା କାଟିବା ସହିତ ଅନ୍ୟମାନଙ୍କୁ ଏ ଦିଗରେ ଉତ୍ସାହିତ କରୁଥିଲେ । ଦୁଇଖଣ୍ଡ ଖଦି ବସ୍ତ୍ର ଥିଲା ତାଙ୍କର ପରିଧାନ । ଖଦିକୁ ଜନସାଧାରଣଙ୍କ ଅଧିକ ନିକଟତର କରିବା ପାଇଁ ଖଦି ବୋର୍ଡର ଏଭଳି ପ୍ରୟାସ ଅଭିନନ୍ଦନୀୟ । ନିଜର ରୁଚିରେ ପରିବର୍ତ୍ତନ ଆଣି ଖଦି ପରିଧାନ କରିବା ସହିତ ଜଣେ ସଚ୍ଚା ଭାରତୀୟ ଭାବରେ ଗର୍ବ କରିବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଜଳସଂପଦ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଖଦି ବୋର୍ଡ ଦ୍ୱାରା କରାଯାଇଥିବା

ଏଭଳି ଏକ ନିଆରା ଉଦ୍ୟମର ସଫଳତା କାମନା କରିଥିଲେ । ସପ୍ତାହରେ ଅନ୍ତତଃ ଦିନଟିଏ ଖଦି ପରିଧାନ କରିପାରିଲେ ଗାନ୍ଧୀଜୀଙ୍କ ପ୍ରତି ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ଉଲ୍ଲେଖ କରିଥିଲେ । ଭୁବନେଶ୍ୱର(ଉତ୍ତର) ବିଧାୟକ ଶ୍ରୀ ସୁଶାନ୍ତ କୁମାର ରାଉତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏଭଳି ଅଭିନବ ଅଭିଯାନର ସଫଳତା କାମନା କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଗାନ୍ଧୀ ଓ ଚରଖା ଚିତ୍ର ଥାଇ ଏକ ଲୋଗୋର ଶୁଭ ଉନ୍ମୋଚନ କରାଯାଇଥିଲା ।

ବୋର୍ଡର ସଭାପତି ଶ୍ରୀ ସଂଗ୍ରାମ କେଶରୀ ପାଇକରାୟ ସମାରୋହରେ ପୌରୋହିତ୍ୟ କରି ସ୍ୱାଗତ ଭାଷଣ ଜରିଆରେ ଏହି ସଚେତନତା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋପାତ କରିଥିଲେ । ସରକାରୀ ଓ ବେସରକାରୀ କର୍ମଚାରୀ ତଥା ସମସ୍ତ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ସପ୍ତାହରେ ଅନ୍ତତଃ ଦିନଟିଏ ଖଦିବସ୍ତ୍ର ପରିଧାନ କଲେ ଗାଁଗହଳିର ଗରିବ ବୁଣାକାରମାନଙ୍କର ଅର୍ଥନୈତିକ ପ୍ରଗତିରେ ଯଥେଷ୍ଟ ସହାୟକ ହୋଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ ।

ଏହି ସମାରୋହରେ ଖଦି ବୋର୍ଡ ଦ୍ୱାରା ଆର୍ଥିକ ସହାୟତାପ୍ରାପ୍ତ ସଫଳ ଉଦ୍ୟୋଗୀମାନଙ୍କର ଏକ ପ୍ରେରଣାଦାୟୀ ପ୍ରାମାଣିକ ଚିତ୍ର ପ୍ରଦର୍ଶିତ ହୋଇଥିଲା । ପରେ ଗାନ୍ଧୀଜୀଙ୍କର ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ ତେନେ କହିୟେ' ଗୀତଟିକୁ ଓଡ଼ିଶୀ ରୂପରେ ପରିବେଷଣ କରାଯାଇଥିଲା । ଏହି ଉପଲକ୍ଷେ ଜୟଦେବ ଭବନଠାରେ ବ୍ୟକ୍ତି ନିମନ୍ତେ ଉଦ୍ଦିଷ୍ଟ ଏହି ଖଦି ସାମଗ୍ରୀର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଏଥିରେ ଖଦିର ଭଳିକି ଭଳି ଲୁଗା ଓ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ କରାଯାଇଥିଲା । ବୋର୍ଡର ସଚିବ ଶ୍ରୀ ଅବଦୁଲ୍ ଅଲିମ୍ ଖାନ୍, ଉପସଚିବ ଶ୍ରୀମତୀ ରେଣୁପ୍ରଭା ନାୟକ, ଶ୍ରୀ ତ୍ରିଯୋଗୀ ନାରାୟଣ ଦାଶ ଓ ବୋର୍ଡର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମାରୋହକୁ ସଫଳ କରିବାରେ ସହଯୋଗ କରିଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ